# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର ପାଇଁ ଆଉ କିଛି ସମୟ ପରେ ଭୁବନେଶ୍ୱରରେ ପହଞ୍ଚିବେ
- ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ଆସନ୍ତାକାଲି ଅନୁଷ୍ଠିତ ହେବ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ
- ପବିତ୍ର ଅକ୍ଷୟ ତୃତୀୟାରେ ପୁରୀରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ଆରମ୍ଭ, ରାଜ୍ୟର ବିଭିନ୍ନ ସ୍ଥାନରେ ଅକ୍ଷିମୁଠି ଅନୁକୂଳ

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସନ୍ଧ୍ୟାରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ପହଞ୍ଚିବେ । ସେଠାରୁ ଶ୍ରୀ ମୋଦୀ ଦଳୀୟ କାର୍ଯ୍ୟାଳୟକୁ ଯାଇ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଏକ ରୋଡ୍ ଶୋ'ରେ ଭାଗ ନେବେ । ରୋଡ୍ ଶୋ' ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରିଯାପନ କରିବେ। ଆସନ୍ତାକାଲି ସକାଳେ କନ୍ଧମାଳ ବିମାନ ପଡିଆରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। କନ୍ଧମାଳ ସଂସଦୀୟ କ୍ଷେତ୍ରରେ ବିଜେପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଏବଂ ଏହି ଲୋକସଭା ଅଧିନରେ ଥିବା ୭ଟି ବିଧାନସଭା ଆସନ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଏହାପରେ ପ୍ରଧାନମନ୍ତ୍ରୀ ବଲାଙ୍ଗିର ଗସ୍ତରେ ଯିବେ।

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଆଜି ଓଡ଼ିଶା ଗସ୍ତରେ ଆସି ରଣପୁରର ପଞ୍ଚୁଦଳ ପଡିଆରେ ଜନସଭାକୁ ସମ୍ବୋଧିତ କରିଛନ୍ତି।

## ରାଷ୍ଟ୍ରୀୟ ଲୋକଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତାକାଲି ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ବିଭିନ୍ନ ଅଦାଲତଗୁଡ଼ିକରେ ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରାଯିବ। କଟକସ୍ଥିତ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମିଳିଥିବା

ସୂଚନା ଅନୁସାରେ, ଆସନ୍ତାକାଲି ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା ଲୋକ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି। ସମସ୍ତ ଅଦାଲତରେ ପ୍ରତ୍ୟକ୍ଷ ଭାବେ ମାମଲାଗୁଡ଼ିକର ଶୁଣାଣି କରାଯିବ। ହାଇକୋର୍ଟରେ ୭ ଜଣ ବିଚାରପତି ବିଭିନ୍ନ ପ୍ରକାର ମାମଲାର ଶୁଣାଣି କରିବେ।

## ବିଜେଡି ଇସ୍ତାହାର-ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ପ୍ରକାଶ ପାଇଥିବା ନିର୍ବାଚନ ଇସ୍ତାହାରରେ କୌଣସି ନୂତନତ୍ୱ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଏହି ଇସ୍ତାହାରରେ ଅନେକଗୁଡ଼ିଏ ବିଷୟରେ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟରେ ୧ ଲକ୍ଷ ସରକାରୀ ପଦବୀ ଖାଲି ଥିବା କଥା ରାଜ୍ୟ ସରକାରଙ୍କ ମନ୍ତ୍ରୀ  ବିଧାନସଭାରେ ଉତ୍ତର ରଖିଛନ୍ତି। ଏହି ପଦବୀଗୁଡ଼ିକ ପୂରଣ ନ କରି ବିଜେଡି ଇସ୍ତାହାରରେ ୨ ଲକ୍ଷ ଚାକିରି ଦେବା କଥା କହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ପ୍ରାର୍ଥିତାଲିକା

ଢେଙ୍କାନାଳ ଲୋକସଭା ଓ ଏହି ଜିଲ୍ଲାର ୪ଟି ବିଧାନସଭା ଆସନ ପାଇଁ ଚୂଡାନ୍ତ ପ୍ରାର୍ଥିତାଲିକା ପ୍ରକାଶ ପାଇଛି। ଢେଙ୍କାନାଳ ଲୋକସଭା ଆସନ ପାଇଁ ବିଜେପି, ବିଜେଡ଼ି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୧୦ ଜଣ ପ୍ରାର୍ଥୀ ରହିଥିବାବେଳେ ୪ଟି ବିଧାନସଭା ପାଇଁ ମୋଟ୍ ୨୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ବିଧାନସଭା ନିର୍ବାଚନ-ସମ୍ବଲପୁର

ନିର୍ବାଚନ କମିଶନଙ୍କ ପକ୍ଷରୁ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମ୍ବଲପୁର ଜିଲ୍ଲାରେ ଲୋକସଭା ଏବଂ ୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି।

ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ **ସମ୍ବଲପୁର** ସମ୍ବାଦଦାତା **ଗୁଣମଣି ବିଶ୍ୱାଳ**ଙ୍କ ରିପୋର୍ଟ....

**- V/O –**

## ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୁନ୍ ୧ ତାରିଖରେ ମତଦାନ ହେବ। ଏଥିପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଆସନ୍ତା ୧୪ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୧୫ ତାରିଖ ନାମାଙ୍କନପତ୍ର ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି।

**ଭଦ୍ରକ** ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ବିଜେପିର ଅଭିମନ୍ୟୁ ସେଠୀ ଆଜି  ନିଜ ନିଜ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

**ଯାଜପୁର** ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ରବୀନ୍ଦ୍ର ବେହେରା ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ବଡ଼ଚଣା ବିଧାନସଭା ଆସନ ପାଇଁ ବର୍ଷା ପ୍ରିୟଦର୍ଶିନୀ, କୋରେଇ ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ଆକାଶ ଦାସନାୟକ, ସୁକିନ୍ଦା ବିଧାନସଭା ପାଇଁ ବିଜେଡ଼ି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡେଇ, ବିଜେପି ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ, ବଡଚଣାର ବିଜେପି ପ୍ରାର୍ଥୀ ଅମର ନାୟକ, ଯାଜପୁରର ବିଜେପି ପ୍ରାର୍ଥୀ ଗୌତମ ରାୟ ଓ ବରୀ ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ଉମେଶ ଜେନା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଅକ୍ଷୟ ତୃତୀୟା/ ଶୀତଳଷଷ୍ଠୀ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ବିଭିନ୍ନ ଶୁଭକାର୍ଯ୍ୟ ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଧାନବୁଣା ଅନୁକୂଳ କରିଥାନ୍ତି ।

ଅକ୍ଷୟତୃତୀୟା ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରୋପକାର ପାଇଁ ଏହି ପର୍ବ ପ୍ରେରଣା ଯୋଗାଉଛି ବୋଲି ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି।  ଏହି ପର୍ବ ସମସ୍ତଙ୍କ ଜୀବନରେ ନୂଆ ଶକ୍ତି ଓ ଉତ୍ସାହ ଆଣିଦେଉ ବୋଲି ପ୍ରଧାନମନ୍ତ୍ରୀ କାମନା

କରିଛନ୍ତି। **ରାଜ୍ୟପାଳ** ରଘୁବର ଦାସ ରାଜ୍ୟବାସୀଙ୍କୁ ଅକ୍ଷୟ ବୈଭବ ଓ ସମୃଦ୍ଧିର ପର୍ବ ଅକ୍ଷୟତୃତୀୟାର ଶୁଭେଚ୍ଛା ଜଣାଇବା ସହ ମା’ ଲକ୍ଷ୍ମୀ ସମସ୍ତଙ୍କୁ ସୁଖ ସୌଭାଗ୍ୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ ବୋଲି କାମନା କରିଛନ୍ତି। **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅକ୍ଷୟତୃତୀୟା ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଚାଷୀଭାଇମାନଙ୍କର ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ ବୋଲି ସେ ତାଙ୍କ ବାର୍ତ୍ତାରେ କହିଛନ୍ତି।

ପବିତ୍ର ଅକ୍ଷୟତୃତୀୟା ଅବସରରେ **କେନ୍ଦ୍ରମନ୍ତ୍ରୀ** ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦ ନିକଟସ୍ଥ ସାପଲହରା ଗାଁରେ ଜମିରେ ଧାନବୁଣି ଅକ୍ଷିମୁଠି ଅନୁକୁଳ କରିଛନ୍ତି। ଜମିରେ ଧାନ ବୁଣି ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସେହିପରି ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମଧ୍ୟ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଢ଼ରୋପାନୀ ଗାଁରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି।

ଅକ୍ଷୟତୃତୀୟାରେ ଆଜିଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବାହାର ଚନ୍ଦନଯାତ୍ରା ଆରମ୍ଭ ହେଉଛି । ଏହି ଯାତ୍ରା ୨୧ ଦିନ ବ୍ୟାପି ପର୍ଯ୍ୟନ୍ତ ଚାଲିବ । ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରଣୀରେ ଚାପ ଖେଳିବେ। ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନିଳାଦ୍ରୀବିଜେ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି । ଆଜିର ପୁଣ୍ୟ ତିଥିରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ

ହୋଇଛି। ଆଜି ସନ୍ଧ୍ୟାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ ହେବା ପରେ ବିଭିନ୍ନ ରୀତିନୀତି ସହ ସୁବର୍ଣ୍ଣ କୁରାଢ଼ୀରେ ତିନି ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି।

**ବୌଦ୍ଧ**ରେ ଜିଲ୍ଲାସ୍ତରୀୟ ଅକ୍ଷୟତୃତୀୟା ଓ କୃଷକ ଦିବସ ପାଲଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳିତ ହୋଇଛି। ଏହି ଉତ୍ସବରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ଅକ୍ଷିମୁଠି ଅନୁକୂଳ କରିଥିଲେ। ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପାଠାଗାରଠାରେ କବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଛି।

ସେହିପରି **କେନ୍ଦୁଝର** ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଅକ୍ଷୟତୃତୀୟା ତଥା କୃଷକ ଦିବସ ସମାରୋହରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କବି ଜୟଦେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି।

ସେହିପରି ଆଜିଠାରୁ ମା' ଶାରଳାଙ୍କର ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଚଳିତବର୍ଷ ଚନ୍ଦନଯାତ୍ରାରେ ବାଣ ନ ଫୁଟାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩୦ ତାରିଖରେ ଲଟାଭଉଁରୀ ଚାପଖେଳ ଓ ୩୧ ତାରିଖରେ ହଳଦୀ ଖେଳ କରାଯାଇ ଚନ୍ଦନଯାତ୍ରାର ଉଦ୍‌ଯାପନ ହେବ।

ସେହିଭଳି ପଶ୍ଚିମ ଓଡ଼ିଶାର ଆଦ୍ୟପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠା ପର୍ବ ଆଜି ପବିତ୍ର ଅକ୍ଷୟ ତୃତୀୟାରେ ସମ୍ବଲପୁରରେ ସମ୍ପନ୍ନ ହୋଇଛି।

ମା' ପାର୍ବତୀଙ୍କର ପିତା ମାତା ଚୟନ ଏବଂ ଶିବଙ୍କର ପିତାମାତାଙ୍କ ସହିତ ଆଜିର କାର୍ଯ୍ୟକ୍ରମରେ ଥାଳଉଠା ପର୍ବ ହୋଇଛି । ଆସନ୍ତା ଏକମାସ ମଧ୍ୟରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ସମ୍ବଲପୁର ଝାଡୁଆପଡ଼ାର ଲୋକନାଥ ବାବା, ନନ୍ଦପଡ଼ାର ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବା, ମୋଦିପଡ଼ାର ଯାଗେଶ୍ୱର ବାବାଙ୍କ ସହିତ ଅନ୍ୟ କେତେକ ସ୍ଥାନରେ ଶୀତଲଷଷ୍ଠୀ ଯାତ୍ରାର ଆୟୋଜନ କରାଯାଇଛି ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧରେ ରାଜ୍ୟର କେତେକ ଜିଲ୍ଲାରେ ଝଡବର୍ଷା ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଆଦି ଜିଲ୍ଲାର କେତେକ ସ୍ଥାନରେ ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଘଡ଼ଘଡ଼ି ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*******************************